# Akashvani, Sambalpur

## SAMBALPURI NEWS EVENING BULLETIN

## 2 May 2025- 7.02 pm- 7.12 pm.

*********************************************

୧- ବାହାରଲା ମେଟ୍ରିକ୍ ପରୀକ୍ଷାଫଲ୍- ଇ ବଛର୍ ପାସ୍ କଲେ ୯୪ ଦଶ୍ମିକ୍ ୯/୩ ପ୍ରତିଶତ୍ ଛାତ୍ରଛାତ୍ରୀ ।

୨- ୱେଭ୍ସ୍ ସମ୍ମିଲନୀର୍ ୨ ନମ୍ବର୍ ଦିନେ ବୈଶ୍ୱିକ୍ ଗଣମାଧ୍ୟମ୍ ବାବ୍‌ଦେ ହେଲା ଆଲୋଚନା ।

- ଭିନ୍ ଭିନ୍ ଦେଶର୍ ପରମ୍ପରା ଆଉ ଐତିହ୍ୟର୍ ପ୍ରଚାର୍ ପ୍ରସାର୍ ଲାଗି ୱେଭ୍ସ୍ ଘୋଷଣାନାମା ଗୃହିତ ।

୩- ଆଏବା ୧୦ ତାରିଖ୍ ୨ ଦିନିଆ ଓଡ଼ିଶା ଗସ୍ତଥି ଆସୁଛନ୍ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ।

ଆଉର୍

୪- ଆଏବା ୨୪ ଘଂଟା ଭିତ୍‌ରେ ପଶ୍ଚିମ ଓଡ଼ିଶା ନ ଜବର୍ ଧୁକାଗର୍ଡ଼ି ଆଉ ବର୍ଷା ନେଇକରି ସତର୍କ କଲା ପାଣିପାଗ୍ କେନ୍ଦ୍ର ।

ମେଟ୍ରିକ୍ ପରୀକ୍ଷା I&PR

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ମେଟ୍ରିକ୍ ପରୀକ୍ଷା-୨୦୨୫ ର ଫଲାଫଲ୍ ଆଏଜ୍ ବାହାରିଛେ । ପରିଷଦ୍ କାର୍ଯ୍ୟାଳୟ ଠାନେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପରୀକ୍ଷା ଫଲ୍ ପୁସ୍ତିକାକେ ଉନ୍ମୋଚନ୍ କରିକରି ଇ ବଛର୍ ପାସ୍ ହାର ୯୪ ଦଶ୍ମିକ୍ ୯/୩ ପ୍ରତିଶତ୍ ରହିଛେ ବଲି କହିଛନ୍ । ଇ ବଛର୍ ୫ ଲାଖ୍ ୨ ହଜାର୍ ୪ ଶହ ୧୭ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲା ବେଲ୍‌କେ ସେଥିର୍‌ଭିତ୍‌ରୁ ୪ ଲାଖ୍ ୮୪ ହଜାର୍ ୫ ଶହ ୫୭ ଝନ୍ ପାସ୍ କରିଛନ୍ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍...

(ଭଏସ୍ ଓଭର୍-ଗଣଶିକ୍ଷା ମନ୍ତ୍ରୀ)

ମେଟ୍ରିକ୍ ଫଲାଫଲ୍ ଆଏଜ୍ ବେଲ୍‌ବୁଡ଼ର୍ ୬ ବଜେନୁ ପରିଷଦ୍‌ର ୱେବ୍‌ସାଇଟ୍ bseodisha.ac.in ଆର୍ orissaresults.nic.in ଥି ମିଲିପାର୍‌ବା । ଛାତ୍ରଛାତ୍ରୀ ମୋବାଇଲ୍ ଏସ୍‌ଏମ୍‌ଏସ୍ ଜରିଏ ଭିଲ୍ ଫଲାଫଲ୍ ପାଇପାର୍‌ବେ ।

ୱେଭ୍‌ସ୍ ପି.ଆଇ.ବି./ଏକ୍ସ

ପ୍ରଯୁକ୍ତି ବିଦ୍ୟା ଆଉ ପରମ୍ପରା ଦୁହେ ଦୁହିକର୍ ସାଙ୍ଗେ ତାଲ୍ ଦେଇକରି ଚାଲ୍‌ବାର୍ ଜରୁରୀ ଆଏ ବଲି ବୈଦେଶିକ୍ ବ୍ୟାପାର୍ ମନ୍ତ୍ରୀ ଡକ୍ଟର୍ ଏସ୍. ଜୟଶଙ୍କର୍ କହିଛନ୍ । ବିଶ୍ୱ ଦୃଶ୍ୟ ଶ୍ରାବ୍ୟ ଆଉ ମନୋରଞ୍ଜନ୍ ଶିଖର୍ ସମ୍ମିଲନୀ- ୱେଭ୍‌ସ୍-୨୦୨୫ର ୨ ନମ୍ୱର୍ ଦିନେ ଆଏଜ୍ ହେଇଥିବା ବିଶ୍ୱ ଗଣମାଧ୍ୟମ୍ ସମ୍ବାଦ୍ ଅଧିବେଶନ୍‌ଥି ଯୋଗ୍ ଦେଇକରି ଶ୍ରୀ ଜୟଶଙ୍କର୍ ପ୍ରଯୁକ୍ତି ବିଦ୍ୟାର୍ ଉଦ୍ଭାବନ ଆର୍ ଇତାର୍ ସାମାଜିକ୍ ପ୍ରଭାବ୍‌ର ଭିନ୍ ଭିନ୍ ଦିଗ୍ ବାବ୍‌ଦେ ଆଲୋଚନା କରିଛନ୍ । ପ୍ରଯୁକ୍ତି ବିଦ୍ୟାର ଠିକ୍ ଉପଯୋଗ ସହେତେ ଯୁଆନ୍ ମାନ୍‌କର୍ ଭିତ୍‌ରେ ଦେଶର୍ ସମୃଦ୍ଧ ଐତିହ୍ୟକେ ନେଇକରି ସଚେତନତା ଆନ୍‌ବାର୍ ଲାଗି ଶ୍ରୀ ଜୟଶଙ୍କର୍ ଇ ଅବ୍‌ସରେ ଆହ୍ୱାନ୍ ଦେଇଛନ୍ ।

ଅଧିବେଶନ୍‌ଥି କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଯୋଗ୍ ଦେଇକରି ସମ୍‌କୁ ନିଜର୍ କାହାନୀ ପୁର୍‌ଥି ଆଗାଡ଼େ ଉପସ୍ଥାପନ୍ କର୍‌ବାର୍ ଲାଗି ଉଚିତ୍ ସୁଯୋଗ୍ ମିଲ୍‌ବାର୍ ଦର୍‌କାର୍ ବଲି କହିଛନ୍ ।

ସମ୍ମିଲନୀଥି ଆଏଜ୍ ସିନ୍‌ମା, ରେଡ଼ିଓ, କାହାଣୀ କହେବାର୍ ବାଗିର୍ ବିଷେ ଉପ୍‌ରେ ଭିନ୍ ଭିନ୍ ଖେପେ ଆଲୋଚନାଚକ୍ର ହେଇଛେ । ସେନ୍ତା ସଦସ୍ୟ ଦେଶ୍‌ମାନେ ଆଏଜ୍ ୱେଭ୍‌ସ୍ ଘୋଷ୍‌ନାନାମାକେ ଅପ୍‌ନେଇଛନ୍ । କୃତ୍ରିମ ବୁଦ୍ଧିମତାର୍ ଦିଗେ ସୃଜନୀକେ ତହଁକାବାର୍ ସହେତେ ପାରମ୍ପାରିକ୍ ଆର୍ ଐତିହ୍ୟର୍ ପୁର୍ନରୁଦ୍ଧାର୍ କର୍‌ବାର୍ ଲାଗି ସହମତି ଦେଇଛନ୍ । ଆଏଜ୍ କ୍ରିଏଟ୍ ଇଣ୍ଡିଆ ଚେଲେଞ୍ଜ୍‌ର ଫାଇନାଲ୍

ମୁକାବିଲା ଚାଲିଛେ । ଇଥି ୩୨ ଟା ପ୍ରତିଯୋଗିତାଥି ୭ ଶହ ୫୦ ଝନ୍ ଫାଇନାଲିଷ୍ଟ ଅଛନ୍ ।

ନେପାଲୀ ଛାତ୍ରୀମୃତ୍ୟୁ ଏନ୍‌ଏସ୍‌ଡି

ଭୁବ୍‌ନେଶ୍ୱର୍‌ର ଗୁଟେ ଘରୋଇ ବିଶ୍ୱବିଦ୍ୟାଲୟ ନ ନେପାଲୀ ଛାତ୍ରୀଙ୍କର୍ ମୃତ୍ୟୁ ବିଷେଥି ବୈଦେଶିକ୍ ବ୍ୟାପାର୍ ମନ୍ତ୍ରଣାଲୟ ତର୍‌ଫୁ ଦୁଃଖ ପ୍ରକାଶ୍ କରାଯାଇଛେ । ଛାତ୍ରୀଙ୍କର୍ ପରିବାର୍ ଲୁକ୍‌କୁ ସମବେଦନା ଜନେଇକରି ମନ୍ତ୍ରଣାଲୟ କହିଛେ, ଇ ଘଟ୍‌ନା ବାବ୍‌ଦେ ଜାନ୍‌ବାର୍ ଉତ୍‌ରୁ ଓଡ଼ିଶା ସର୍‌କାର୍‌ଙ୍କର୍ ସାଙ୍ଗେ ଯୋଗାଯୋଗ୍ କରାଯାଇଛେ । ମୃତ ଛାତ୍ରୀଙ୍କର୍ ପରିବାର୍‌କେ ଓଡ଼ିଶା ସର୍‌କାର୍ ସବୁପ୍ରକାର୍ ସହଯୋଗ୍ କର୍‌ବାର୍ ସଙ୍ଗେ ଓଡ଼ିଶା ପୁଲିସ୍ ତର୍‌ଫୁ ଘଟ୍‌ନାର୍ ତଦନ୍ତ୍ କରାଯାଉଛେ ବଲି ମନ୍ତ୍ରଣାଲୟ କହିଛେ । କେନ୍ଦ୍ର ସର୍‌କାର୍ ସବୁ ଆନ୍ତର୍ଜାତିକ ଛାତ୍ରଛାତ୍ରୀଙ୍କର୍ ସୁରକ୍ଷା ଆଉ କଲ୍ୟାଣ୍ ଉପ୍‌ରେ ଜୋର୍ ଦଉଛନ୍ । ନେପାଲ୍ କର୍ତୃପକ୍ଷଙ୍କର୍ ସଙ୍ଗେ ଯୋଗାଯୋଗ୍ କରାଯାଇକରି ଘଟ୍‌ନାର୍ ତଦନ୍ତ କରାଯାଉଛେ ବଲି ମନ୍ତ୍ରଣାଲୟ ତର୍‌ଫୁ କୁହାଯାଇଛେ ।

ଯୋଗ ସଙ୍ଗମ୍ ପୋର୍ଟାଲ ପି.ଆଇ.ବି.

ଅନ୍ତର୍ଜାତୀୟ ଯୋଗ ମହୋତ୍ସବ୍-୨୦୨୫ ଲାଗି ଆଏଜ୍‌ଠାନୁ ୫୦ ଦିନିଆ ଉଲ୍‌ଟାଗନ୍‌ତି ମୁଲ୍ ହେଇଛେ । ଇ ଅବ୍‌ସରେ ମହାରାଷ୍ଟ୍ରର୍ ନାସିକ୍ ଠାନେ ଆୟୁଷ୍ ମନ୍ତ୍ରଣାଲୟ ତର୍‌ଫୁ ଯୋଗ ମହୋତ୍ସବ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ମହୋତ୍ସବ୍‌ଥି ମନ୍ତ୍ରଣାଲୟର୍ ରାଷ୍ଟ୍ରମନ୍ତ୍ରୀ ପ୍ରତାପ୍ ରାଓ ଯାଧବ୍ ଯୋଗ୍ ଦେଇକରି 'ଯୋଗ ସଙ୍ଗମ୍' ପୋର୍ଟାଲ୍ ଉନ୍ମୋଚନ୍ କରିଛନ୍ ।

ଓଡ଼ିଶା ହାଇକୋର୍ଟ-ମୁଖ୍ୟ ବିଚାର୍‌ପତି

ଆର୍‌ଏନ୍‌ୟୁ/ କଟକ୍

ବିଚାର୍‌ପତି ଜଷ୍ଟିସ୍ ଦିକ୍ଷିତ୍ କ୍ରିଷ୍ଣା ଶ୍ରୀପଦଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାର୍‌ପତି ଭାବେ ନିଯୁକ୍ତି ଦିଆଯାଇଛେ । ଇ ବାବ୍‌ଦେ ଆଇନ୍ ମନ୍ତ୍ରଣାଲୟ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଜଷ୍ଟିସ୍ ଶ୍ରୀପଦ କର୍ଣ୍ଣାଟକ୍ ହାଇକୋର୍ଟର ବିଚାର୍‌ପତି ଅଛନ୍ । ସୁପ୍ରିମ୍‌କୋର୍ଟ କୋଲିଜିୟମ୍ ଜଷ୍ଟିସ୍ ଶ୍ରୀପଦଙ୍କୁ ଓଡ଼ିଶାକେ ହାଇକୋର୍ଟକେ ବଦ୍‌ଲି କର୍‌ବାର୍ ଲାଗି ସୁପାରିଶ୍ କରିଥିଲେ ।

କେଦାର୍‌ନାଥ୍ ମନ୍ଦିର୍ ଏକ୍ସ

ଉତରାଖଣ୍ଡର ପବିତ୍ର କେଦାର୍‌ନାଥ୍ ମନ୍ଦିର୍‌ର କବାଟ୍ ଆଏଜ୍ ସଖାଲୁ ଶ୍ରଦ୍ଧାଲୁମାନ୍‌କର୍ ଲାଗି ଖୁଲାଯାଇଛେ । ବୈଦିକ୍ ମନ୍ତ୍ର ଆର୍ ଖାସ୍ ରୀତିନୀତି ଭିତ୍‌ରେ କବାଟ୍ ଖୁଲ୍‌ବାର୍ ଦିବ୍ୟ ମୁହୂର୍ତକେ ଦେଖ୍‌ବାର୍ ଲାଗି ଦେଶ୍ ବିଦେଶ୍‌ନୁ ହଜାର୍ ହଜାର୍ ଶ୍ରଦ୍ଧାଲୁଙ୍କର୍ ଭିଡ଼୍ ଜମିଥିଲା ।

ସ୍ୱରାଷ୍ଟ୍ରମନ୍ତ୍ରୀ-ଓଡ଼ିଶା ଆର୍‌ଏନ୍‌ୟୁ/ କଟକ୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଏବା ୧୦ ତାରିଖ୍ ୨ ଦିନିଆ ଓଡ଼ିଶା ଗସ୍ତଥି ଆସୁଛନ୍ ବଲି ବିଜେପି ରାଜ୍ୟ ସଭାପତି ମନ୍‌ମୋହନ୍ ସାମଲ୍ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇଛନ୍ । ଶ୍ରୀ ସାମଲ୍ କହିଛନ୍ ସ୍ୱରାଷ୍ଟ୍ରମନ୍ତ୍ରୀ ୧୦ ତାରିଖ୍ ଭୁବ୍‌ନେଶ୍ୱର୍ ପୁହୁଁଚିଲା ଉତ୍‌ରୁ ଜଟଣୀ ଠାନେ ଫରେନ୍‌ସିକ୍ ବିଶ୍ୱବିଦ୍ୟାଳୟର୍ ଶିଲାନ୍ୟାସ୍ କର୍‌ବେ । ସେନ୍ତା ୧୧ ତାରିଖ୍ ସମ୍ବଲ୍‌ପୁର୍‌କେ ଯାଇକରି ଭିନ୍ ଭିନ୍ ପ୍ରକଳ୍ପର୍ ଶିଲାନ୍ୟାସ୍ କର୍‌ବେ । ସେହିଦିନ ଭୁବ୍‌ନେଶ୍ୱର୍ ଫିରିଆସିକରି ଜନତା ମଇଦାନ୍‌ଠାନେ ଭିଲ୍ ଭିନ୍ ଭିନ୍ ପ୍ରକଳ୍ପର୍ ଶିଲାନ୍ୟାସ୍ କର୍‌ବେ । ଇତାର୍ ସହେତେ ସ୍ୱରାଷ୍ଟ୍ରମନ୍ତ୍ରୀ ସାଧାରଣ୍ ସଭାଥି ଅଭିଭାଷଣ୍ ଦେବେ ବଲି ଶ୍ରୀ ସାମଲ୍ କହିଛନ୍ ।

ଡାଲୁଆ ଧାନ୍‌ଘିନା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଡାଲୁଆ ଧାନ୍ ଘିନାକେ ନେଇକରି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ଆନ୍ତଃମନ୍ତ୍ରୀସ୍ତରୀୟ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ଇ ଖେଡ଼୍ ୨୦ ଟା ଜିଲ୍ଲାନ ୯ ଶହ ୬୫ ପେକ୍ସ ଜରିଏ ୧୪ ଲାଖ୍ ମେଟ୍ରିକ୍ ଟନ୍ ଧାନ୍ ଘିନ୍‌ବାର୍ ଲକ୍ଷ୍ୟ ଧାରିଜ୍ କରାଯାଇଛେ । ଇଥର ଧାନ୍ ବିକ୍‌ବାର୍‌କେ ୩ ଲାଖ୍ ୩୭ ହଜାର୍ ଚାଷୀ ନାଁ ପଞ୍ଜିକରଣ୍ କରିଛନ୍ । ଜୁନ୍ ୩୦ ତାରିଖ୍‌ତକ୍ ଧାନ୍ ଘିନାଯିବା ବଲି ଶ୍ରୀ ସିଂହଦେଓ କହିଛନ୍ ।

କୃଷି ବିଭାଗ୍- ଏମ୍‌ଓୟୁ I&PR

୨୦୨୫-୨୬ ଆର୍ଥିକ୍ ବଛର୍ ଲାଗି କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ଆଏଜ୍ ଓଡ଼ିଶା କୃଷି ଶିଳ୍ପ ନିଗମ୍, କୃଷି ପ୍ରୋତ୍ସାହନ୍ ଆଉ ପୁଞ୍ଜିଲଗାଣ ନିଗମ୍, ରାଜ୍ୟ ବିହନ୍ ନିଗମ୍ ଲିମିଟେଡ୍ ଆଉ ରାଜ୍ୟ କାଜୁ ଉନ୍ନୟନ୍ ଲିମିଟେଡ୍ ସଙ୍ଗେ ବୁଝାମଣାପତ୍ର ସ୍ୱାକ୍ଷରିତ୍ କରିଛେ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ବୁଝାମଣାପତ୍ର ସ୍ୱାକ୍ଷର୍ କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ

ଯୋଗ୍ ଦେଇଥିଲେ । ବୈଠକ୍‌ର୍ ସୂଚ୍‌ନା ଅନ୍‌ସାରେ କୃଷି ଶିଳ୍ପ ନିଗମ୍ ଇ ଆର୍ଥିକ୍ ବଛ୍‌ରେ ହଜାରେ କୋଟି ଟଙ୍କାର୍ କାର୍‌ବାର୍ ଲକ୍ଷ୍ୟ ରଖିଛେ । ବିହନ୍ ନିଗମ୍ ଚାଷୀମାନ୍‌କୁ ଠିକ୍ ଭାବେ ବିହନ୍ ଯୁଗାବାର୍ ଲାଗି ଇ ବଛର୍ ୫୬ କୋଟି ଟଙ୍କାର୍ କାର୍‌ବାର୍ ଲକ୍ଷ୍ୟ ରଖିଛେ । ସେନ୍ତା କୃଷି ପ୍ରୋତ୍ସାହନ୍ ଆଉ ପୁଞ୍ଜିଲଗାଣ ନିଗମ୍ ୬ ହଜାର୍ ୭ ଶହ ୫୦ କୋଟି ଟଙ୍କା ଖର୍ଚ୍ଚା କର୍‌ବାର୍ ଲକ୍ଷ୍ୟ ରଖିଛେ । କାଜୁ ନିଗମ୍ ଇ ବଛର୍ ୫ ଶହ ହେକ୍ଟର୍ ହାଇବ୍ରିଡ୍ କାଜୁ ଗଛ୍ ଜଗାବାର୍ ସହେତେ ୧ ହଜାର୍ ୩ ଶହ ୩୬ ହେକ୍ଟର୍‌ନୁ ଅଏତ୍‌କା ଜାଗା ନ ଥିବା ଗଛ୍‌ର ଦେଖ୍‌ରେଖ୍ କର୍‌ବାର୍ ଲକ୍ଷ୍ୟ ରଖିଛେ ।

ସର୍ବଭାରତୀୟ ଫୁଟ୍‌ବଲ୍ ମହାସଂଘ I&PR

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଳନୀ କୁଠି ନ ଆଏଜ୍ ଉପର୍‌ବେଲା ସର୍ବଭାରତୀୟ ଫୁଟ୍‌ବଲ୍ ମହାସଂଘ ୨୦୨୪-୨୫ ବଛର୍‌ର ବାର୍ଷିକ ସମ୍ମାନ୍ ସମାରୋହ ଆୟୋଜିତ ହେଇଯାଇଛେ । ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ଫୁଟ୍‌ବଲ୍ ଖେଲ୍‌ଥି ଉଲ୍ଲେଖନୀୟ ଅବଦାନ୍ ଦେଇଥିବା ଖେଲାଲିମାନ୍‌କୁ ଇଥି ପୁରସ୍କୃତ୍ କରିଛନ୍ । ଇଥି ଉପମୁଖ୍ୟମନ୍ତ୍ରୀ କନକ୍‌ବର୍ଦ୍ଧନ୍ ସିଂହଦେଓ

ଆର୍ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ଭିଲ୍ ଯୋଗ୍ ଦେଇଛନ୍ ।

ଦିବ୍ୟାଙ୍ଗ -ସକ୍ଷମା I&PR

ଦିବ୍ୟାଙ୍ଗ ମାନ୍‌କର୍ ଭିନ୍ ଭିନ୍ ସମସ୍ୟା ଆର୍ ସବୁ କ୍ଷେତ୍ରଥି ସେମାନ୍‌କୁ ସାମିଲ୍ କର୍‌ବାର୍ ବିଷେକେ ନେଇକରି ଭୁବ୍‌ନେଶ୍ୱର୍ ଭିନ୍ନକ୍ଷମ ଆୟୁକ୍ତଙ୍କର୍ କାର୍ଯ୍ୟାଳୟ ଠାନେ ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି 'ସକ୍ଷମା: ଏକ ଦକ୍ଷତା ଆଲୋଚନା' ଶୀର୍ଷକ୍‌ଥି ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍‌ର ନିର୍ଦ୍ଦେଶକ୍ ନିୟତି ପଟ୍ଟନାୟକ୍ ଆଲୋଚନା କରିଥିଲେ । ଦିବ୍ୟାଙ୍ଗ ମାନ୍‌କର୍ ବିକାଶ୍ ଦିଗେ ବାଧା ବନୁଥିବା ଭିନ୍ ଭିନ୍ ସମସ୍ୟା ଉପ୍‌ରେ ସେ କହିଥିଲେ ।

ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର୍ I&PR

ଆଏବା ୫ ତାରିଖ୍ ସୋମ୍‌ବାର୍ ଦିନ ହେବାର୍‌କେ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର୍ ଲାଗି ଆଏଜ୍ ଦିନର୍ ୧୧ ବଜେନୁ ପଞ୍ଜିକରଣ୍ ପ୍ରକ୍ରିୟା ମୁଲ୍ ହେଇଛେ । ଶିବିର୍‌ଥି ଆବେଦନ୍ କର୍‌ବାର୍ ଲାଗି ଲୁକେ

janasunani.odisha.gov.in ଥି ନିଜର୍ ନାଁ ପଞ୍ଜିକରଣ୍ କରିପାର୍‌ବେ । ଇତାର୍‌ସହେତେ ପଞ୍ଜିକରଣ୍ ନାଇଁ କରିପାରିଥିଲେ ଭିଲ୍ ଲୁକେ ସିଧାସଲଖ୍ ଶିବିର୍‌କେ ଯାଇକରି ଅଭିଯୋଗ୍ ପତ୍ର ଦାଖଲ୍ କରିପାର୍‌ବେ ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜଲ୍‌ଜୀବନ୍ ମିଶନ୍‌ର ନିର୍ଦ୍ଦେଶକ୍ -ସୁନ୍ଦର୍‌ଗଡ଼୍ I&PR

ଜଲ୍‌ଜୀବନ୍ ମିଶନ୍‌ର ନିର୍ଦ୍ଦେଶକ୍ କମଲ୍ କିଶୋର୍ ସୋଆନ୍ ଆଏଜ୍ ସୁନ୍ଦର୍‌ଗଡ଼୍ ଜିଲ୍ଲା ଯାଇକରି ବିଭାଗ୍‌ର ଭିନ୍ ଭିନ୍ ପ୍ରକଳ୍ପର୍ ସମୀକ୍ଷା କରିଛନ୍ । ଜିଲ୍ଲାର୍ କୁଆଁର୍‌ମୁଣ୍ଡା ଆଉ ନୂଆଁଗାଁ ବ୍ଲକ୍‌ର ଇନ୍‌ଟେକ୍ ୱେଲ୍ ଆଉ ମେଗା ପାଇପ୍‌ଲାଇନ୍ ପିଇବାର୍ ପାଏନ୍ ପ୍ରକଳ୍ପର୍ ସମୀକ୍ଷା କରିଛନ୍ । ଶହେ ୬୧ କୋଟି ଟଙ୍କାଥି ତିଆର୍ ହେଇଥିବା ଇ ପାଏନ୍ ପ୍ରକଳ୍ପ ଇଲାକାର୍ ଶହେ ନୁ ଅଏତ୍‌କା ଗାଁକେ ସଫା ପିଇବାର୍ ପାଏନ୍ ଯୁଗାବା ।

ବିଶ୍ୱ ଦକ୍ଷତା କେନ୍ଦ୍ର- ଆବେଦନ୍ I&PR

ଭୁବ୍‌ନେଶ୍ୱର୍ ଠାନେ ଥିବା ବିଶ୍ୱ ଦକ୍ଷତା କେନ୍ଦ୍ର ନ ୨୦୨୫-୨୬ ବଛରର୍ ପାଠ୍‌ପଢ଼ାଥି ନାଁଲେଖା ଲାଗି ଅନ୍‌ଲାଇନ୍ ଆବେଦନ୍ ପ୍ରକ୍ରିୟା ଚାଲିଛେ । ଇ ପ୍ରକ୍ରିୟା ଆଏବା କାଏଲ୍ ଶେଷ୍ ହେବା । ଆବେଦନ୍ ପ୍ରକ୍ରିୟା ଶେଷ୍ ହେଲା ଉତ୍‌ରୁ ମେ ୧୧ ତାରିଖ୍ ଅନ୍‌ଲାଇନ୍ ପ୍ରବେଶିକା ପରୀକ୍ଷା କରାଯିବା । ଜୁନ୍ ମାସ୍‌ନୁ ପାଠ୍‌ପଢ଼ା ମୁଲ୍ ହେବା ବଲି କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବିବେକାନନ୍ଦ ଲୋକସଂସଦ୍ ବୌଦ୍ଧ ଶାଖା-ସମ୍ମିଲନୀ ବୌଦ୍ଧ

ବିବେକାନନ୍ଦ ଲୋକସଂସଦ୍ ବୌଦ୍ଧ ଶାଖା ତର୍‌ଫୁ ଜିଲ୍ଲାସ୍ତରୀୟ ସମ୍ମିଲନୀ ହେଇଯାଇଛେ । ଲୋକସଂସଦ୍ ମଧ୍ୟ ସମ୍ଭାଗର୍ ସମ୍ପାଦକ ଅଧ୍ୟାପକ ପ୍ରବୀର୍ କୁମାର୍ ଦାସ ସମ୍ମିଲନୀକେ ଉଦ୍‌ଘାଟନ୍ କରିଥିଲେ ।

କଳିଙ୍ଗ ସୁପର କପ୍ ଫୁଟବଲ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଆଏବା କାଏଲ୍ କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ଣ୍ଣାମେଂଟ - ୨୦୨୫ର ଫାଇନାଲ୍ ମେଚ୍ ହେବା । ଚମ୍ପିଅନ୍ ଟାଇଟଲ ହାସଲ୍ କର୍‌ବାର୍ ଲାଗି

ଏଫ୍‌ସି ଗୋଆ ଆଉ ଜାମସେଦପୁର ଏଫ୍‌ସି ଦଲ୍ ଭିତ୍‌ରେ ଫାଇନାଲ ମ୍ୟାଚ୍ ଖେଲା ଯିବା ।

ପାଣିପାଗ                                   ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ପଶ୍ଚିମ ଓଡ଼ିଶାର୍ ସହେତେ ରାଜ୍ୟର ବଡ଼ଭାଗୀ ଜାଗାନ ଧୁକା ଗର୍ଡି ଆର୍ ଘଡ୍‌ଘଡ଼ି ସାଙ୍ଗେ ହାଲ୍‌କାନୁ ମଧମ ବର୍ଷା ହେଇପାରେ । କିଛି ଜାଗା ନ ଜବର୍ ଧୁକାଗର୍ଡ଼ି ଆର୍ ଚଡ଼କ୍ ଆର୍ କରା ଭିଲ୍ ମାରିପାରେ ବଲି ପାଣିପାଗ୍ କେନ୍ଦ୍ର ତରଫୁ ସତର୍କ ସୂଚନା ଜାରି କରିଛେ । କାଳବୈଶାଖୀର ବଲେ ରାଜ୍ୟର ସବୁ ଇଲାକାନ ଖରା ଆର୍ ଗରମ୍ କମିଛେ । ଆଏବା ୫ ଦିନ୍ ଦିନ୍ ତକ୍ ପାଗ୍ ଏନ୍‌ତା ଲାଗି ରହେବା ବଲି ପାଣିପାଗ କେନ୍ଦ୍ର ଅନୁମାନ କରିଛେ ।